**ପଞ୍ଚମ ଅଧ୍ୟାୟ**

# କୃଦନ୍ତ ପଦ

**୫.୧ :** ଭାଷାକୁ ଗତିଶୀଳ ଓ ଭାବ ପ୍ରକାଶ କରିବାରେ ସାହାଯ୍ୟ କରିବା ପାଇଁ ଅନେକ ଶବ୍ଦ ଆବଶ୍ୟକ ହୋଇଥାଏ । ଆମ ଓଡ଼ିଆ ଭାଷାରେ ଏହି ପରି ଅନେକ ଶବ୍ଦ ସୃଷ୍ଟି ହୋଇଛି । କେତେବେଳେ ସଂସ୍କୃତ ଧାତୁ ସହିତ ଓ କେତେବେଳେ ଓଡ଼ିଆ ଧାତୁ ସହିତ ପ୍ରତ୍ୟୟ ଯୋଗ କରାଯାଇ ଅନେକ ଶବ୍ଦ ଗଠିତ ହୋଇଅଛି । ତଳେ ଦିଆଯାଇଥିବା ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର ।

**ସଂସ୍କୃତ ଧାତୁ + ପ୍ରତ୍ୟୟ = ଶବ୍ଦ (ତତ୍ସମ)**

୧) ଦୃଶ୍ + ଅନ = ଦର୍ଶନ

୨) ପଠ୍ + ଅ = ପାଠ

୩) ବୁଧ୍ + ତି = ବୁଦ୍ଧି

**ଓଡ଼ିଆ ଧାତୁ + ପ୍ରତ୍ୟୟ = ଶବ୍ଦ (ତଦ୍ଭବ+ଦେଶଜ)**

୧) କାନ୍ଦ୍ + ଅଣା = କାନ୍ଦଣା

୨) ପଢ୍ + ଉଆ = ପଢୁଆ

୩) ଖସ୍ + ଅଡ଼ା = ଖସଡ଼ା

ପ୍ରଥମ ଉଦାହରଣରେ ଥିବା 'ଦର୍ଶନ' ଶବ୍ଦଟି ସଂସ୍କୃତ 'ଦୃଶ୍' ଧାତୁ ସହିତ 'ଅନ' ପ୍ରତ୍ୟୟ ଯୋଗରେ ସୃଷ୍ଟି ହୋଇଛି । ସେହିପରି ସଂସ୍କୃତ 'ପଠ୍'ଧାତୁରେ 'ଅ'ପ୍ରତ୍ୟୟ ଯୁକ୍ତ ହୋଇ 'ପାଠ' ଶବ୍ଦ ଓ ସଂସ୍କୃତ 'ବୁଧ୍' ଧାତୁରେ 'ତି' ପ୍ରତ୍ୟୟ ଯୁକ୍ତ ହୋଇ 'ବୁଦ୍ଧି' ଶବ୍ଦ ଗଠିତ ହୋଇଛି । ଏଗୁଡ଼ିକୁ **କୃଦନ୍ତ ଶବ୍ଦ** କୁହାଯାଏ । ଏହି ଶବ୍ଦଗୁଡ଼ିକ ସଂସ୍କୃତ ଭାଷାରୁ ଅବିକଳ ଗୃହୀତ ହୋଇ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବାରୁ ତତ୍ସମ କୃଦନ୍ତ ଶବ୍ଦ ଅଟନ୍ତି ।

ଦ୍ୱିତୀୟ ଉଦାହରଣରେ ଥିବା 'କାନ୍ଦଣା' ଶବ୍ଦଟି ଓଡ଼ିଆ 'କାନ୍ଦ୍' ଧାତୁ ସହିତ 'ଅଣା' ପ୍ରତ୍ୟୟ ଯୋଗରେ ସୃଷ୍ଟି ହୋଇଛି । ସେହିପରି ଓଡ଼ିଆ 'ପଢ୍' ଧାତୁରେ 'ଉଆ' ପ୍ରତ୍ୟୟ ଯୁକ୍ତ ହୋଇ 'ପଢୁଆ' ଶବ୍ଦ ସୃଷ୍ଟି ହୋଇଛି । ସଂସ୍କୃତ 'କ୍ରନ୍ଦ୍' ଧାତୁରୁ 'କାନ୍ଦ୍' ଧାତୁ ଓ 'ପଠ୍' ଧାତୁରୁ 'ପଢ୍' ଧାତୁ ଜାତ ହୋଇ ଥିବାରୁ ଏହିପରି ଧାତୁ ଓ ପ୍ରତ୍ୟୟନିଷ୍ପନ୍ନ ଶବ୍ଦକୁ **ତଦ୍ଭବ କୃଦନ୍ତ ଶବ୍ଦ** କୁହାଯାଏ । ସେହିପରି 'ଖସଡ଼ା' ଶବ୍ଦଟି ଓଡ଼ିଆ 'ଖସ୍' ଧାତୁ ସହିତ 'ଅଡ଼ା' ପ୍ରତ୍ୟୟ ଯୁକ୍ତ ହୋଇ ଗଠିତ ହୋଇଛି । ଏହା ଗୋଟିଏ **ଦେଶଜ କୃଦନ୍ତ ଶବ୍ଦ** ।

**ନୂଆ ଶବ୍ଦ ଗଢ଼ିବା ପାଇଁ ଧାତୁ ସହିତ ଯେଉଁ ପ୍ରତ୍ୟୟ ଯୁକ୍ତ ହୁଏ, ତାହାକୁ କୃତ୍ କହନ୍ତି । ଏହି କୃତ୍ ପ୍ରତ୍ୟୟ ଯୋଗ ହେବାଦ୍ୱାରା ଯେଉଁ ନୂତନ ଶବ୍ଦଟି ଗଠିତ ହୁଏ ତାହାକୁ କୃଦନ୍ତ ଶବ୍ଦ ବା କୃଦନ୍ତ ପଦ କୁହାଯାଏ ।**

(କୃତ୍+ଅନ୍ତ=କୃଦନ୍ତ । ଯାହା ଅନ୍ତ ବା ଶେଷରେ କୃତ୍ ପ୍ରତ୍ୟୟ ହୋଇଥାଏ ତାହା କୃଦନ୍ତ)

ସଂସ୍କୃତ କୃତ୍ ପ୍ରତ୍ୟୟ = ଅ, ଅନ, ଅକ, ତବ୍ୟ, ଅନୀୟ, ଇତ୍ର, ତ୍ର, ତୃ, ତି, ଇନ୍, ତ, ଯ, ଇଷ୍ଣୁ, ଉକ, ଉର, ର, ଉ ଇତ୍ୟାଦି ।

ଓଡ଼ିଆ କୃତ୍ ପ୍ରତ୍ୟୟ = ଅ, ଆ, ଇ, ଅଣ, ଅଣା, ଅଣି, ଆଣି, ଅନ୍ତା, ଏଣି, ଉଆଳ, ଇବା, ଉଣି, ଉଆ, ରା, ଅତି, ଉଣା ଇତ୍ୟାଦି ।

## ୫.୨ ସଂସ୍କୃତ କୃତ୍ ପ୍ରତ୍ୟୟ ଓ ନିଷ୍ପନ୍ନ ତତ୍ସମ ଶବ୍ଦ

**୧) 'ଅ' ପ୍ରତ୍ୟୟ**

ପଠ୍ + ଅ = ପାଠ
ତ୍ୟଜ୍ + ଅ = ତ୍ୟାଗ
ପଚ୍ + ଅ = ପାକ
ଜି + ଅ = ଜୟ
ଭୀ + ଅ = ଭୟ
ସୃପ୍ + ଅ = ସର୍ପ

ହସ୍ + ଅ = ହସ୍
ମଧୁ - ପା + ଅ = ମଧୁପ
ସମ୍ - ସୃ + ଅ = ସଂସାର
କୁମ୍ଭ - କୃ + ଅ = କୁମ୍ଭକାର
ଜଳ - ଦା + ଅ = ଜଳଦ
ଦିବ୍ + ଅ = ଦେବ
ଜପ୍ + ଅ = ଜପ

**୨) 'ଅନ' ପ୍ରତ୍ୟୟ**

ଭୁଜ୍ + ଅନ = ଭୋଜନ
ରୁଦ୍ + ଅନ = ରୋଦନ
ପଠ୍ + ଅନ = ପଠନ
ପତ୍ + ଅନ = ପତନ
ଜୀବ୍ + ଅନ = ଜୀବନ
ଭାଷ୍ + ଅନ = ଭାଷଣ

ଶ୍ରୁ + ଅନ = ଶ୍ରବଣ
ମୃ + ଅନ = ମରଣ
ସ୍ମୃ + ଅନ = ସ୍ମରଣ
କୃ + ଅନ = କରଣ
ଭୂଷ୍ + ଅନ = ଭୂଷଣ
ଗ୍ରହ୍ + ଅନ = ଗ୍ରହଣ

**୩) 'ଅକ' ପ୍ରତ୍ୟୟ**

ଖାଦ୍ + ଅକ = ଖାଦକ
ନୃତ୍ + ଅକ = ନର୍ତ୍ତକ
ପଠ୍ + ଅକ = ପାଠକ
ଶିକ୍ଷ୍ + ଅକ = ଶିକ୍ଷକ
ଜନ୍ + ଅକ = ଜନକ

ଗୈ + ଅକ = ଗାୟକ
ପଚ୍ + ଅକ = ପାଚକ
ଶାସ୍ + ଅକ = ଶାସକ
ସ୍ତୁ + ଅକ = ସ୍ତାବକ
କୃ + ଅକ = କାରକ

୪) 'ଉକ' ପ୍ରତ୍ୟୟ

ନିନ୍ଦ୍ + ଉକ = ନିନ୍ଦୁକ    ଭୂ + ଉକ = ଭାବୁକ

ଭିକ୍ଷ୍ + ଉକ = ଭିକ୍ଷୁକ

୫) 'ଇ' ପ୍ରତ୍ୟୟ

ଜଳ - ଧା + ଇ = ଜଳଧି

ବି - ଧା + ଇ = ବିଧି

ନି - ଧା + ଇ = ନିଧି

୬) 'ଇଷ୍ଣୁ' ପ୍ରତ୍ୟୟ

ବୃଧ୍ + ଇଷ୍ଣୁ = ବର୍ଦ୍ଧିଷ୍ଣୁ    ସହ୍ + ଇଷ୍ଣୁ = ସହିଷ୍ଣୁ

୭) 'ଇନ୍' ପ୍ରତ୍ୟୟ

ଭୂ + ଇନ୍ = ଭାବୀ    ସତ୍ୟ - ବଦ୍ + ଇନ୍ = ସତ୍ୟବାଦୀ

ଅଧି- କୃ + ଇନ୍ = ଅଧିକାରୀ    ପ୍ର - ବସ୍ + ଇନ୍ = ପ୍ରବାସୀ

ସ୍ଥା + ଇନ୍ = ସ୍ଥାୟୀ    ଉପ - କୃ + ଇନ୍ = ଉପକାରୀ

୮) 'ତ' ପ୍ରତ୍ୟୟ

କୃ + ତ = କୃତ    ଯୁଜ୍ + ତ = ଯୁକ୍ତ

ଜୀବ୍ + ତ = ଜୀବିତ    ଶମ୍ + ତ = ଶାନ୍ତ

ହନ୍ + ତ = ହତ    ସିଚ୍ + ତ = ସିକ୍ତ

ପ୍ରୀ + ତ = ପ୍ରୀତ    ଶୁଧ୍ + ତ = ଶୁଦ୍ଧ

ଭୂ + ତ = ଭୂତ    ପଚ୍ + ତ = ପକ୍ୱ

୯) 'ତି' ପ୍ରତ୍ୟୟ

ବୁଧ୍ + ତି = ବୁଦ୍ଧି    ମୁଚ୍ + ତି = ମୁକ୍ତି

ସ୍ଥା + ତି = ସ୍ଥିତି    ଶାସ୍ + ତି = ଶାସ୍ତି

ଦୃଶ୍ + ତି = ଦୃଷ୍ଟି    ଭଜ୍ + ତି = ଭକ୍ତି

ସ୍ମୃ + ତି = ସ୍ମୃତି    ମନ୍ + ତି = ମତି

କୃ + ତି = କୃତି    ଶମ୍ + ତି = ଶାନ୍ତି

**୧୦) 'ତବ୍ୟ' ପ୍ରତ୍ୟୟ**

| | | | | | | | | |
|---|---|---|---|---|---|---|---|---|
| କୃ | + | ତବ୍ୟ = | କର୍ତ୍ତବ୍ୟ | | ଗମ୍ | + | ତବ୍ୟ = | ଗନ୍ତବ୍ୟ |
| ଦୃଶ୍ | + | ତବ୍ୟ = | ଦ୍ରଷ୍ଟବ୍ୟ | | ବଚ୍ | + | ତବ୍ୟ = | ବକ୍ତବ୍ୟ |
| ଦା | + | ତବ୍ୟ = | ଦାତବ୍ୟ | | ଶ୍ରୁ | + | ତବ୍ୟ = | ଶ୍ରୋତବ୍ୟ |
| ଜ୍ଞା | + | ତବ୍ୟ = | ଜ୍ଞାତବ୍ୟ | | ଭୁଜ୍ | + | ତବ୍ୟ = | ଭୋକ୍ତବ୍ୟ |
| ମନ୍ | + | ତବ୍ୟ = | ମନ୍ତବ୍ୟ | | ଲଭ୍ | + | ତବ୍ୟ = | ଲବ୍ଧବ୍ୟ |

**୧୧) 'ଅନୀୟ' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ସ୍ମୃ | + | ଅନୀୟ | = | ସ୍ମରଣୀୟ | | ଗ୍ରହ୍ | + | ଅନୀୟ | = | ଗ୍ରହଣୀୟ |
| କୃ | + | ଅନୀୟ | = | କରଣୀୟ | | ବନ୍ଦ୍ | + | ଅନୀୟ | = | ବନ୍ଦନୀୟ |
| ପଠ୍ | + | ଅନୀୟ | = | ପଠନୀୟ | | ପାଳ୍ | + | ଅନୀୟ | = | ପାଳନୀୟ |
| ପୂଜ୍ | + | ଅନୀୟ | = | ପୂଜନୀୟ | | ଦୃଶ୍ | + | ଅନୀୟ | = | ଦର୍ଶନୀୟ |
| ଶ୍ରୁ | + | ଅନୀୟ | = | ଶ୍ରବଣୀୟ | | ପା | + | ଅନୀୟ | = | ପାନୀୟ |

**୧୨) 'ଇତ୍ର' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ଚର୍ | + | ଇତ୍ର | = | ଚରିତ୍ର | | ପୁ | + | ଇତ୍ର | = | ପବିତ୍ର |
| ବହ୍ | + | ଇତ୍ର | = | ବହିତ୍ର | | ଖନ୍ | + | ଇତ୍ର | = | ଖନିତ୍ର |

**୧୩) 'ଯ' ପ୍ରତ୍ୟୟ**

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ପଠ୍ | + | ଯ | = | ପାଠ୍ୟ | | ଶାସ୍ | + | ଯ | = | ଶିଷ୍ୟ | | |
| ଗମ୍ | + | ଯ | = | ଗମ୍ୟ | | ବଚ୍ | + | ଯ | = | ବାଚ୍ୟ / ବାକ୍ୟ | | |
| ଦୃଶ୍ | + | ଯ | = | ଦୃଶ୍ୟ | | ଋ | + | ଯ | = | ଆର୍ଯ୍ୟ | | |
| ପଦ୍ | + | ଯ | = | ପଦ୍ୟ | | ପା | + | ଯ | = | ପେୟ | | |
| ଗଦ୍ | + | ଯ | = | ଗଦ୍ୟ | | ଦା | + | ଯ | = | ଦେୟ | | |
| କୃ | + | ଯ | = | କାର୍ଯ୍ୟ | | ବିଦ୍ | + | ଯ | + | ଆ | = | ବିଦ୍ୟା |
| ସହ୍ | + | ଯ | = | ସହ୍ୟ | | ଶୀ | + | ଯ | + | ଆ | = | ଶଯ୍ୟା |

**୧୪) 'ତ୍ର' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ବସ୍ | + | ତ୍ର | = | ବସ୍ତ୍ର | | କ୍ଷି | + | ତ୍ର | = | କ୍ଷେତ୍ର |
| ଅସ୍ | + | ତ୍ର | = | ଅସ୍ତ୍ର | | ସ୍ତୁ | + | ତ୍ର | = | ସ୍ତୋତ୍ର |
| ନୀ | + | ତ୍ର | = | ନେତ୍ର | | ପତ୍ | + | ତ୍ର | = | ପତ୍ର |

**୧୫) 'ତୃ' ପ୍ରତ୍ୟୟ**

| | | | | | | | | | | | |
|---|---|---|---|---|---|---|---|---|---|---|---|
| କୃ | + | ତୃ | = | କର୍ତ୍ତୃ / କର୍ତ୍ତା | ବି | - | ଜି | + | ତୃ | = | ବିଜେତା |
| ପା | + | ତୃ | = | ପିତୃ / ପିତା | ବି | - | କ୍ରୀ | + | ତୃ | = | ବିକ୍ରେତା |
| ମା | + | ତୃ | = | ମାତୃ / ମାତା | ନି | - | ଯମ୍ | + | ତୃ | = | ନିୟନ୍ତା |
| ନୀ | + | ତୃ | = | ନେତୃ / ନେତା | ବି | - | ଧା | + | ତୃ | = | ବିଧାତା |
| ଶ୍ରୁ | + | ତୃ | = | ଶ୍ରୋତୃ / ଶ୍ରୋତା | ପ୍ର | - | ବଚ୍ | + | ତୃ | = | ପ୍ରବକ୍ତା |

**୧୬) 'ର' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ନମ୍ | + | ର | = | ନମ୍ର | ରୁଦ୍ | + | ର | = | ରୁଦ୍ର |
| କମ୍ | + | ର | = | କମ୍ର | ହିନସ୍ | + | ର | = | ହିଂସ୍ର |
| ଛିଦ୍ | + | ର | = | ଛିଦ୍ର | କ୍ଷୁଦ୍ | + | ର | = | କ୍ଷୁଦ୍ର |

**୧୭) 'ନ' ପ୍ରତ୍ୟୟ**

| | | | | | | | | | | | |
|---|---|---|---|---|---|---|---|---|---|---|---|
| ପ୍ରଚ୍ଛ୍ | + | ନ | = | ପ୍ରଶ୍ନ | ଯଜ୍ | + | ନ | = | ଯଜ୍ଞ | | |
| ଯତ୍ | + | ନ | = | ଯତ୍ନ | ତୃଷ୍ | + | ନ | + | ଆ | = | ତୃଷ୍ଣା |

**୧୮) 'ଉର' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଭନଜ୍ | + | ଉର | = | ଭଙ୍ଗୁର | ମିଦ୍ | + | ଉର | = | ମେଦୁର |
| ବିଦ୍ | + | ଉର | = | ବିଦୁର | ଭାସ୍ | + | ଉର | = | ଭାସୁର |

**୧୯) 'ସନ୍' ପ୍ରତ୍ୟୟ**

ଇଚ୍ଛା କରିବା ଅର୍ଥରେ ଧାତୁରେ 'ସନ୍' ପ୍ରତ୍ୟୟ ହୁଏ । ଏହି ସନ୍ ପ୍ରତ୍ୟୟ ଦ୍ୱାରା ନିଷ୍ପନ୍ନ ପଦକୁ 'ସନ୍ନନ୍ତ ପଦ' କୁହାଯାଏ । 'ସନ୍' ପ୍ରତ୍ୟୟ ପରେ 'ଆ' ବା 'ଉ' ପ୍ରତ୍ୟୟ ଯୋଗ କରାଯାଇ ବିଶେଷ୍ୟ ପଦ ଗଠିତ ହୁଏ ।

ପିଇବାର ଇଚ୍ଛା = ପିପାସା (ପା - ସନ୍ + ଆ)

ଜାଣିବାର ଇଚ୍ଛା = ଜିଜ୍ଞାସା (ଜ୍ଞା - ସନ୍ + ଆ)

ଜୟ କରିବାର ଇଚ୍ଛା = ଜିଗୀଷା (ଜି - ସନ୍ + ଆ)

ହତ୍ୟା କରିବାର ଇଚ୍ଛା = ଜିଘାଂସା (ହନ୍ - ସନ୍ + ଆ)

ଲାଭ କରିବାର ଇଚ୍ଛା = ଲିପ୍ସା (ଲଭ୍ - ସନ୍ + ଆ)

ଦେଖିବାର ଇଚ୍ଛା = ଦିଦୃକ୍ଷା (ଦୃଶ୍ - ସନ୍ + ଆ)

କରିବାର ଇଚ୍ଛା = ଚିକୀର୍ଷା (କୃ - ସନ୍ + ଆ)

ଦାନ କରିବାର ଇଚ୍ଛା = ଦିତ୍ସା (ଦା - ସନ୍ + ଆ)

ଶୁଣିବାର ଇଚ୍ଛା = ଶୁଶ୍ରୂଷା (ଶ୍ରୁ - ସନ୍ + ଆ)

ମୁକ୍ତି ପାଇବାର ଇଚ୍ଛା = ମୁମୁକ୍ଷା (ମୁଚ୍ - ସନ୍ + ଆ)

ମରିବାର ଇଚ୍ଛା = ମୁମୂର୍ଷା (ମୃ - ସନ୍ + ଆ)

ପିଇବାକୁ ଇଚ୍ଛୁକ = ପିପାସୁ (ପା - ସନ୍ + ଉ)

ଜାଣିବାକୁ ଇଚ୍ଛୁକ = ଜିଜ୍ଞାସୁ (ଜ୍ଞା - ସନ୍ + ଉ)

ଲାଭକରିବାକୁ ଇଚ୍ଛୁକ = ଲିପ୍ସୁ (ଲଭ୍ - ସନ୍ + ଉ)

## ୫.୩ ଓଡ଼ିଆ କୃତ୍ ପ୍ରତ୍ୟୟ ଓ ନିଷ୍ପନ୍ନ ତଦ୍‌ଭବ - ଦେଶଜ ଶବ୍ଦ

**୧) 'ଅ' ପ୍ରତ୍ୟୟ**

କାଟ୍ + ଅ = କାଟ     ଡାକ୍ + ଅ = ଡାକ

କାନ୍ଦ୍ + ଅ = କାନ୍ଦ     ମାର୍ + ଅ = ମାର

ମୋଡ଼୍ + ଅ = ମୋଡ଼

**୨) 'ଅଣ' ପ୍ରତ୍ୟୟ**

ଝୁଲ୍ + ଅଣ = ଝୁଲଣ     ଗଢ଼୍ + ଅଣ = ଗଢ଼ଣ

ଫୁଟ୍ + ଅଣ = ଫୁଟଣ

**୩) 'ଅଣା' ପ୍ରତ୍ୟୟ**

କାନ୍ଦ୍ + ଅଣା = କାନ୍ଦଣା     ପିଟ୍ + ଅଣା = ପିଟଣା

ରାନ୍ଧ୍ + ଅଣା = ରାନ୍ଧଣା     ବିଞ୍ଚ୍ + ଅଣା = ବିଞ୍ଚଣା

**୪) 'ଅଣି' ପ୍ରତ୍ୟୟ**

ଖଟ୍ + ଅଣି = ଖଟଣି     ଲୋଟ୍ + ଅଣି = ଲୋଟଣି

ଚଳ୍ + ଅଣି = ଚଳଣି     ରହ୍ + ଅଣି = ରହଣି

**୫) 'ଅନ୍ତା' ପ୍ରତ୍ୟୟ**

ଫେର୍ + ଅନ୍ତା = ଫେରନ୍ତା     ଫୁଟ୍ + ଅନ୍ତା = ଫୁଟନ୍ତା

ଚଳ୍ + ଅନ୍ତା = ଚଳନ୍ତା     ଉଡ଼୍ + ଅନ୍ତା = ଉଡ଼ନ୍ତା

ଜୀ + ଅନ୍ତା = ଜୀଅନ୍ତା     ଜଳ୍ + ଅନ୍ତା = ଜଳନ୍ତା

**୬) 'ଅନ୍ତି' ପ୍ରତ୍ୟୟ**

ଚଳ୍ + ଅନ୍ତି = ଚଳନ୍ତି     ଖଟ୍ + ଅନ୍ତି = ଖଟନ୍ତି

ଫଳ୍ + ଅନ୍ତି = ଫଳନ୍ତି     କହ୍ + ଅନ୍ତି = କହନ୍ତି

୭) **'ଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବୁଣ୍ | + | ଆ | = | ବୁଣା | ରାନ୍ଧ୍ | + | ଆ | = | ରନ୍ଧା |
| ଚିହ୍ନ୍ | + | ଆ | = | ଚିହ୍ନା | ଛାଣ୍ | + | ଆ | = | ଛଣା |
| ଗଢ଼୍ | + | ଆ | = | ଗଢ଼ା | ଖେଳ୍ | + | ଆ | = | ଖେଳା |

୮) **'ଆଣ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଫେଡ଼୍ | + | ଆଣ | = | ଫେଡ଼ାଣ | ଉଠ୍ | + | ଆଣ | = | ଉଠାଣ |
| ମିଶ୍ | + | ଆଣ | = | ମିଶାଣ | ଭାସ୍ | + | ଆଣ | = | ଭସାଣ |

୯) **'ଆଣି' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଭାସ୍ | + | ଆଣି | = | ଭସାଣି | ଗଡ଼୍ | + | ଆଣି | = | ଗଡ଼ାଣି |
| ବିନ୍ଧ୍ | + | ଆଣି | = | ବିନ୍ଧାଣି | ଚାହଁ | + | ଆଣି | = | ଚାହାଁଣି |
| ଉଠ୍ | + | ଆଣି | = | ଉଠାଣି | ଶୁଣ୍ | + | ଆଣି | = | ଶୁଣାଣି |

୧୦) **'ଆଉ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଘେର୍ | + | ଆଉ | = | ଘେରାଉ | ଚଢ଼୍ | + | ଆଉ | = | ଚଢ଼ାଉ |

୧୧) **'ଆଳି' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ରାନ୍ଧ୍ | + | ଆଳି | = | ରନ୍ଧାଳି | ବାନ୍ଧ୍ | + | ଆଳି | = | ବନ୍ଧାଳି |
| କାଟ୍ | + | ଆଳି | = | କଟାଳି | ଖେଳ୍ | + | ଆଳି | = | ଖେଳାଳି |
| ବୁଡ଼୍ | + | ଆଳି | = | ବୁଡ଼ାଳି | ବିକ୍ | + | ଆଳି | = | ବିକାଳି |

୧୨) **'ଇ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଚାଲ୍ | + | ଇ | = | ଚାଲି | ବୋଲ୍ | + | ଇ | = | ବୋଲି |
| ମେଲ୍ | + | ଇ | = | ମେଲି | ଦୋଳ୍ | + | ଇ | = | ଦୋଳି |

୧୩) **'ଉଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ପଢ଼୍ | + | ଉଆ | = | ପଢୁଆ | ଲାଜ୍ | + | ଉଆ | = | ଲାଜୁଆ |
| ଲଢ଼୍ | + | ଉଆ | = | ଲଢୁଆ | ଡର୍ | + | ଉଆ | = | ଡରୁଆ |

୧୪) **'ଉଆଳ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଖେଳ୍ | + | ଉଆଳ | = | ଖେଳୁଆଳ | ରଖ୍ | + | ଉଆଳ | = | ରଖୁଆଳ |
| ଜଗ୍ | + | ଉଆଳ | = | ଜଗୁଆଳ | | | | | |

୧୫) **'ଉଆଳି' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଭାଗ୍ | + | ଉଆଳି | = | ଭାଗୁଆଳି | ଜଗ୍ | + | ଉଆଳି | = | ଜଗୁଆଳି |

**୧୬) 'ଉଣି' ପ୍ରତ୍ୟୟ**

| | |
|---|---|
| ମାପ୍ + ଉଣି = ମାପୁଣି | ଢାଙ୍କ୍ + ଉଣି = ଢାଙ୍କୁଣି |
| ରାନ୍ଧ୍ + ଉଣି = ରାନ୍ଧୁଣି | ମାଗ୍ + ଉଣି = ମାଗୁଣି |

**୧୭) 'ଉଣା' ପ୍ରତ୍ୟୟ**

| | |
|---|---|
| ପା + ଉଣା = ପାଉଣା | ଗା + ଉଣା = ଗାଉଣା |

**୧୮) 'ଏଣି' ପ୍ରତ୍ୟୟ**

| | |
|---|---|
| ଭାଲ୍ + ଏଣି = ଭାଲେଣି | ବାଜ୍ + ଏଣି = ବାଜେଣି |
| ଜାଲ୍ + ଏଣି = ଜାଲେଣି | କାଟ୍ + ଏଣି = କାଟେଣି |

## ଅନୁଶୀଳନୀ

୧) କୃଦନ୍ତ କାହାକୁ କୁହାଯାଏ – ଉଦାହରଣ ସହ ବୁଝାଇ ଲେଖ ।

୨) ନିମ୍ନଲିଖିତ ପଦଗୁଡ଼ିକରେ ବ୍ୟବହୃତ ହୋଇ ଥିବା ପ୍ରତ୍ୟୟଗୁଡ଼ିକୁ ଚିହ୍ନାଅ ।

ପାଠକ, ମୁକ୍ତି, ଆର୍ଯ୍ୟ, ବେଦ, ଗଡ଼ାଣି, ହସ, ପାଉଣା, ଖେଳାଳି, ଚଳନ୍ତି, ସ୍ମରଣୀୟ, ଗୁଣୀ ।

୩) ନିମ୍ନଲିଖିତ ପଦ ଗୁଡ଼ିକରେ ବ୍ୟବହୃତ ହୋଇଥିବା ଧାତୁ ଗୁଡ଼ିକୁ ଚିହ୍ନାଅ ।

ଶାନ୍ତ, ଦାତବ୍ୟ, ଭକ୍ତି, ଶିଷ୍ୟ, ସ୍ତୋତ୍ର, କ୍ଷୁଦ୍ର, ଶିକ୍ଷକ, ଚାଲି, କଟାଳି, ପଢୁଆ, ଭସାଣି, ଝୁଲଣ,ପିଟଣା ।

୪) କୃଦନ୍ତ ପଦର ସହାୟତାରେ ନିମ୍ନଲିଖିତ ବାକ୍ୟାଂଶଗୁଡ଼ିକୁ ଏକ ପଦରେ ପ୍ରକାଶ କର ।

ଯେ ପାଠ କରେ, ଯେ ନୃତ୍ୟ କରେ, ଯେ ଭିକ୍ଷା କରେ, ଯାହା କରିବା ଉଚିତ, ଯେ ଶୁଣେ, ଯେ ମରିଅଛି, ମଧୁପାନ କରେ ଯେ, ଯେ ଜଗେ, ଯେ ଶାସନ କରେ, ଦାନର ଯୋଗ୍ୟ, ଯେ ଗାନ କରେ, ଜାଣିବାର ଇଚ୍ଛା, ଦେଖିବାକୁ ଇଚ୍ଛୁକ ।

୫) ନିମ୍ନଲିଖିତ ପଦଗୁଡ଼ିକ ମଧ୍ୟରୁ କୃଦନ୍ତ ପଦ ଗୁଡ଼ିକୁ ବାଛି ଲେଖ ।

ଗାଉଣା, ବୈଷ୍ଣବ, ଗନ୍ତବ୍ୟ, ଉଠାଣି, ଦାଶରଥି, ଖେଳୁଆଳ, କୌତୁକ, ପାଠ୍ୟ, ଶାରୀରିକ, ନିନ୍ଦୁକ ।

୬) ଉପଯୁକ୍ତ ଧାତୁ ବା ପ୍ରତ୍ୟୟ ଯୋଗ କରି ଶୂନ୍ୟସ୍ଥାନ ପୂରଣ କର ।

କ) ମା + ______ = ମାତୃ

ଖ) ଧର୍ + ______ = ଧରାଳି

ଗ) ______ + ଉଆ = ଲଢୁଆ

ଘ) ______ + ତ୍ର = ନେତ୍ର

ଙ) ଦୃଶ୍ + ______ = ଦର୍ଶନ

ଚ) ଉଡ଼୍ + ______ = ଉଡ଼ନ୍ତା

ଛ) ______ + ଆଳି = କଟାଳି

ଜ) ଡର୍ + ______= ଡରୁଆ

ଝ) ______ + ଉଣି = ଢାଙ୍କୁଣି

❖❖❖

ଷଷ୍ଠ ଅଧ୍ୟାୟ

# ତଦ୍ଧିତ ପଦ

୬.୧ (କ) ଧର୍ମ + ଇକ = ଧାର୍ମିକ (ତତ୍‌ସମ ଶବ୍ଦ)

(ଖ) ଶଙ୍ଖା + ଆରି = ଶଙ୍ଖାରି (ତଦ୍‌ଭବ ଶବ୍ଦ)

(ଗ) ରୁପା + ଏଲି = ରୁପେଲି (ଦେଶଜ ଶବ୍ଦ)

(ଘ) ଘର + ବାଲା = ଘରବାଲା (ବୈଦେଶିକ ଶବ୍ଦ)

ଉପରେ ଲେଖାଯାଇଥିବା ପ୍ରଥମ ଉଦାହରଣରେ 'ଧର୍ମ' ଶବ୍ଦ ସହିତ ଆଚରଣ ଅର୍ଥରେ 'ଇକ' ପ୍ରତ୍ୟୟ ଯୁକ୍ତ ହୋଇ 'ଧାର୍ମିକ' ଶବ୍ଦ ଗଠିତ ହୋଇଛି । ଏହା ଏକ ତତ୍‌ସମ ଶବ୍ଦ । ଦ୍ୱିତୀୟ ଉଦାହରଣରେ 'ଶଙ୍ଖା' ଶବ୍ଦ ସହିତ ବୃତ୍ତି ଅର୍ଥରେ 'ଆରି' ପ୍ରତ୍ୟୟ ଯୁକ୍ତ ହୋଇ 'ଶଙ୍ଖାରି' ଶବ୍ଦ, ତୃତୀୟ ଉଦାହରଣରେ 'ରୁପା' ଶବ୍ଦ ସହିତ ସାଦୃଶ୍ୟ ଅର୍ଥରେ 'ଏଲି' ପ୍ରତ୍ୟୟ ଯୁକ୍ତ ହୋଇ 'ରୁପେଲି' ଶବ୍ଦ ଏବଂ ଚତୁର୍ଥ ଉଦାହରଣରେ 'ଘର' ଶବ୍ଦ ସହିତ ଅଧିକାର ଅର୍ଥରେ 'ବାଲା' ପ୍ରତ୍ୟୟ ଯୁକ୍ତ ହୋଇ 'ଘରବାଲା' ଶବ୍ଦ ଗଠିତ ହୋଇଛି ।

**ମନେରଖିବା :- ଭିନ୍ନ ଭିନ୍ନ ଅର୍ଥରେ ଶବ୍ଦ ସହିତ ଯେଉଁ ସବୁ ପ୍ରତ୍ୟୟ ଯୋଗ କରାଯାଇ ନୂତନ ଶବ୍ଦ ଗଠନ କରାଯାଏ, ସେହି ପ୍ରତ୍ୟୟ ଗୁଡ଼ିକୁ ତଦ୍ଧିତ (ତତ୍ + ହିତ = ତଦ୍ଧିତ) ପ୍ରତ୍ୟୟ କୁହାଯାଏ । ତଦ୍ଧିତ ପ୍ରତ୍ୟୟ ଦ୍ୱାରା ଗଠିତ ଶବ୍ଦକୁ ତଦ୍ଧିତାନ୍ତ ଶବ୍ଦ କୁହାଯାଏ ।**

ଗୋଟିଏ ଶବ୍ଦ ସହିତ ପ୍ରତ୍ୟୟ ଯୋଗକରି ଆଉ ଗୋଟିଏ ଶବ୍ଦ ଗଠିତ ହେବା ଦ୍ୱାରା ମୂଳ ଶବ୍ଦର ହିତ ସାଧିତ ହୋଇଥାଏ, କାରଣ ଏହା ଦ୍ୱାରା ମୂଳ ଶବ୍ଦର ବ୍ୟବହାର କ୍ଷେତ୍ର ବ୍ୟାପକ ହୋଇଥାଏ । ଉଦାହରଣ – 'କୁଳ' ଶବ୍ଦର ମୂଳ ଅର୍ଥ 'ବଂଶ' । ଏହି 'କୁଳ' ଶବ୍ଦ ସହିତ ଜାତ ଅର୍ଥରେ 'ଈନ' ପ୍ରତ୍ୟୟ ଯୁକ୍ତ ହୋଇ 'କୁଳୀନ' (ବ୍ୟକ୍ତି) ଓ ସମ୍ବନ୍ଧ ଅର୍ଥରେ 'ଇକ' ପ୍ରତ୍ୟୟ ଯୋଗଦ୍ୱାରା 'କୌଳିକ' (ବୃତ୍ତି) ଶବ୍ଦ ଗଠିତ ହୋଇ 'କୁଳ' ଶବ୍ଦର ବ୍ୟାବହାରିକ ଦିଗରେ ହିତ ସାଧନ କରୁଛି । ଏହା ହିଁ ତଦ୍ଧିତ ପ୍ରତ୍ୟୟର ମୂଳ ଲକ୍ଷ୍ୟ ।

ଓଡ଼ିଆ ଭାଷାରେ ବ୍ୟବହୃତ ତଦ୍ଧିତ ପ୍ରତ୍ୟୟ ଗୁଡ଼ିକୁ ନିମ୍ନଲିଖିତ ଭାବରେ ବିଭକ୍ତ କରାଯାଇପାରେ ।

**ତଦ୍ଧିତ ପ୍ରତ୍ୟୟ**

| ତତ୍ସମ (ସଂସ୍କୃତ) | ତଦ୍ଭବ - ଦେଶଜ (ଓଡ଼ିଆ) | ବୈଦେଶିକ |
|---|---|---|
| ନୀତି + ଇକ = ନୈତିକ | ଦାଢ଼ି + ଆ = ଦାଢ଼ିଆ | ଛାପା + ଖାନା |
| | ଦାନ୍ତ + ଉରା = ଦାନ୍ତୁରା | = ଛାପାଖାନା |

## ୬.୨. କ) ତତ୍ସମ ତଦ୍ଧିତ ପ୍ରତ୍ୟୟ

**୧) ଅପତ୍ୟ (ସନ୍ତାନ) ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବସୁଦେବ | + | ଅ | = | ବାସୁଦେବ | ପୃଥା | + | ଅ | = | ପାର୍ଥ |
| ମନୁ | + | ଅ | = | ମାନବ | କୁରୁ | + | ଅ | = | କୌରବ |
| ଭୃଗୁ | + | ଅ | = | ଭାର୍ଗବ | ରଘୁ | + | ଅ | = | ରାଘବ |

**୨) ଭକ୍ତ ବା ଉପାସକ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବିଷ୍ଣୁ | + | ଅ | = | ବୈଷ୍ଣବ | ବୁଦ୍ଧ | + | ଅ | = | ବୌଦ୍ଧ |
| ଶିବ | + | ଅ | = | ଶୈବ | ଶକ୍ତି | + | ଅ | = | ଶାକ୍ତ |
| ସୂର୍ଯ୍ୟ | + | ଅ | = | ସୌର | ମହେଶ୍ୱର | + | ଅ | = | ମାହେଶ୍ୱର |

**୩) ଭାବ ଅର୍ଥରେ 'ଅ'ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଶିଶୁ | + | ଅ | = | ଶୈଶବ | ପଟୁ | + | ଅ | = | ପାଟବ |
| ଲଘୁ | + | ଅ | = | ଲାଘବ | ଗୁରୁ | + | ଅ | = | ଗୌରବ |
| କୁଶଳ | + | ଅ | = | କୌଶଳ | କୁମାର | + | ଅ | = | କୌମାର |

**୪) ସଂଯୋଗ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ମଘା | + | ଅ | = | ମାଘ | ମୃଗଶିରା | + | ଅ | = | ମାର୍ଗଶିର |
| ଶ୍ରବଣା | + | ଅ | = | ଶ୍ରାବଣ | ପୁଷ୍ୟା | + | ଅ | = | ପୌଷ |
| ବିଶାଖା | + | ଅ | = | ବୈଶାଖ | କୃତ୍ତିକା | + | ଅ | = | କାର୍ତ୍ତିକ |

**୫) ସମ୍ବନ୍ଧ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦେବ | + | ଅ | = | ଦୈବ | ନିଶା | + | ଅ | = | ନୈଶ |
| ପୃଥିବୀ | + | ଅ | = | ପାର୍ଥିବ | ପଶୁ | + | ଅ | = | ପାଶବ |
| ଭରତ | + | ଅ | = | ଭାରତ | ସିନ୍ଧୁ | + | ଅ | = | ସୈନ୍ଧବ |

୬) ନିବାସ ବା ଜାତ ଅର୍ଥରେ 'ଅ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଅରଣ୍ୟ | + | ଅ | = | ଆରଣ୍ୟ | ପୁର | + | ଅ | = | ପୌର |
| ଶରତ୍ | + | ଅ | = | ଶାରଦ | ଭୂମି | + | ଅ | = | ଭୌମ |
| ମଗଧ | + | ଅ | = | ମାଗଧ | ବିଦେହ | + | ଅ | = | ବୈଦେହ |

୭) ଜ୍ଞାନ ବା ଅଧ୍ୟୟନ ଅର୍ଥରେ 'ଅ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ବ୍ୟାକରଣ | + | ଅ | = | ବୈୟାକରଣ | ସ୍ମୃତି | + | ଅ | = | ସ୍ମାର୍ତ୍ତ |

୮) କୃତ ଅର୍ଥରେ 'ଅ' ପ୍ରତ୍ୟୟ

| | | | | |
|---|---|---|---|---|
| ପତଞ୍ଜଳି | + | ଅ | = | ପାତଞ୍ଜଳ |
| ବଶିଷ୍ଠ | + | ଅ | = | ବାଶିଷ୍ଠ |
| ଋଷି | + | ଅ | = | ଆର୍ଷ |

୯) ସ୍ୱ ଅର୍ଥରେ ବା ସେହି ଅର୍ଥରେ 'ଅ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଚୋର | + | ଅ | = | ଚୌର | ମରୁତ୍ | + | ଅ | = | ମାରୁତ |
| ବନ୍ଧୁ | + | ଅ | = | ବାନ୍ଧବ | ରକ୍ଷସ୍ | + | ଅ | = | ରାକ୍ଷସ |
| ଚଣ୍ଡାଳ | + | ଅ | = | ଚାଣ୍ଡାଳ | ପ୍ରଜ୍ଞା | + | ଅ | = | ପ୍ରାଜ୍ଞ |

୧୦) କୁଶଳ ଅର୍ଥରେ 'ଅ' ପ୍ରତ୍ୟୟ

| | | | | |
|---|---|---|---|---|
| ବିଦ୍ୟା | + | ଅ | = | ବୈଦ୍ୟ |

୧୧) ଜ୍ଞାନ ବା ଅଧ୍ୟୟନ ଅର୍ଥରେ 'ଇକ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପୁରାଣ | + | ଇକ | = | ପୌରାଣିକ | ଇତିହାସ | + | ଇକ | = | ଐତିହାସିକ |
| ବିଜ୍ଞାନ | + | ଇକ | = | ବୈଜ୍ଞାନିକ | ଭୂଗୋଳ | + | ଇକ | = | ଭୌଗୋଳିକ |
| ସାହିତ୍ୟ | + | ଇକ | = | ସାହିତ୍ୟିକ | ଧର୍ମ | + | ଇକ | = | ଧାର୍ମିକ |

୧୨) ସମ୍ବନ୍ଧ ଅର୍ଥରେ 'ଇକ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଦିନ | + | ଇକ | = | ଦୈନିକ | ପ୍ରଦେଶ | + | ଇକ | = | ପ୍ରାଦେଶିକ |
| ମୂଳ | + | ଇକ | = | ମୌଳିକ | ସମାଜ | + | ଇକ | = | ସାମାଜିକ |
| ଶରୀର | + | ଇକ | = | ଶାରୀରିକ | ମନସ୍ | + | ଇକ | = | ମାନସିକ |

**୧୩) ଜୀବିକା ଅର୍ଥରେ 'ଇକ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ତାମ୍ବୁଳ | + | ଇକ | = | ତାମ୍ବୁଳିକ | ତିଳ | + | ଇକ | = | ତୈଳିକ |

**୧୪) ଜାତ ଅର୍ଥରେ 'ଇକ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ସମୁଦ୍ର | + | ଇକ | = | ସାମୁଦ୍ରିକ | ଲୋକ | + | ଇକ | = | ଲୌକିକ |
| ତତ୍କାଳ | + | ଇକ | = | ତାତ୍କାଳିକ | ଅକସ୍ମାତ୍ | + | ଇକ | = | ଆକସ୍ମିକ |

**୧୫) ଅପତ୍ୟ ଅର୍ଥରେ 'ଇ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦଶରଥ | + | ଇ | = | ଦାଶରଥି | ପବନ | + | ଇ | = | ପାବନି |
| ସୁମିତ୍ରା | + | ଇ | = | ସୌମିତ୍ରି | ଦ୍ରୋଣ | + | ଇ | = | ଦ୍ରୌଣି |

**୧୬) ସମ୍ବନ୍ଧ ଅର୍ଥରେ 'ଈ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଶାସ୍ତ୍ର | + | ଈୟ | = | ଶାସ୍ତ୍ରୀୟ | ବିଦେଶ | + | ଈୟ | = | ବିଦେଶୀୟ |
| ଆତ୍ମା | + | ଈୟ | = | ଆତ୍ମୀୟ | ଜଳ | + | ଈୟ | = | ଜଳୀୟ |
| ଜାତି | + | ଈୟ | = | ଜାତୀୟ | ବଂଶ | + | ଈୟ | = | ବଂଶୀୟ |

**୧୭) ଜାତ ଅର୍ଥରେ 'ଈୟ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଉତ୍କଳ | + | ଈୟ | = | ଉତ୍କଳୀୟ | ବଙ୍ଗ | + | ଈୟ | = | ବଙ୍ଗୀୟ |
| ଭାରତ | + | ଈୟ | = | ଭାରତୀୟ | ଆମେରିକା | + | ଈୟ | = | ଆମେରିକୀୟ |

**୧୮) ଜାତ ଅର୍ଥରେ 'ଈନ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କୁଳ | + | ଈନ | = | କୁଳୀନ | ନବ | + | ଈନ | = | ନବୀନ |

**୧୯) ସମ୍ବନ୍ଧ ଅର୍ଥରେ 'ଈନ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବିଶ୍ୱଜନ | + | ଈନ | = | ବିଶ୍ୱଜନୀନ | ସର୍ବଜନ | + | ଈନ | = | ସାର୍ବଜନୀନ |
| ସର୍ବାଙ୍ଗ | + | ଈନ | = | ସର୍ବାଙ୍ଗୀନ | | | | | ସର୍ବଜନୀନ |

**୨୦) ଅପତ୍ୟ ଅର୍ଥରେ 'ଏୟ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଗଙ୍ଗା | + | ଏୟ | = | ଗାଙ୍ଗେୟ | କୁନ୍ତୀ | + | ଏୟ | = | କୌନ୍ତେୟ |
| କୃତ୍ତିକା | + | ଏୟ | = | କାର୍ତ୍ତିକେୟ | ବିନତା | + | ଏୟ | = | ବୈନତେୟ |
| ଭଗିନୀ | + | ଏୟ | = | ଭାଗିନେୟ | | | | | |

୨୧) ହିତ ଅର୍ଥରେ 'ଏୟ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଅତିଥି | + | ଏୟ | = | ଆତିଥେୟ | ପଥ | + | ଏୟ | = | ପାଥେୟ |

୨୨) ଜାତ ଅର୍ଥରେ 'ଇତ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପୁଷ୍ପ | + | ଇତ | = | ପୁଷ୍ପିତ | ତାରକା | + | ଇତ | = | ତାରକିତ |
| ଫଳ | + | ଇତ | = | ଫଳିତ | କଣ୍ଟକ | + | ଇତ | = | କଣ୍ଟକିତ |
| ପଲ୍ଲବ | + | ଇତ | = | ପଲ୍ଲବିତ | ମୁକୁଳ | + | ଇତ | = | ମୁକୁଳିତ |

୨୩) ଅଛି ଅର୍ଥରେ 'ଇଳ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପଙ୍କ | + | ଇଳ | = | ପଙ୍କିଳ | ଫେନ | + | ଇଳ | = | ଫେନିଳ |
| ଜଟା | + | ଇଳ | = | ଜଟିଳ | ଭଙ୍ଗ | + | ଇଳ | = | ଭଙ୍ଗିଳ |

୨୪) ଅଛି ଅର୍ଥରେ 'ବିନ୍' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ତପସ୍ | + | ବିନ୍ | = | ତପସ୍ୱୀ | ଯଶସ୍ | + | ବିନ୍ | = | ଯଶସ୍ୱୀ |
| ମନସ୍ | + | ବିନ୍ | = | ମନସ୍ୱୀ | ମେଧା | + | ବିନ୍ | = | ମେଧାବୀ |

୨୫) ଅଛି ଅର୍ଥରେ 'ମତ୍' ବା 'ବତ୍' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଦୟା | + | ବତ୍ | = | ଦୟାବାନ୍ | ଶ୍ରୀ | + | ମତ୍ | = | ଶ୍ରୀମାନ୍ |
| ମୂଲ୍ୟ | + | ବତ୍ | = | ମୂଲ୍ୟବାନ୍ | ହନୁ | + | ମତ୍ | = | ହନୁମାନ୍ |
| ଧନ | + | ବତ୍ | = | ଧନବାନ୍ | ବୁଦ୍ଧି | + | ମତ୍ | = | ବୁଦ୍ଧିମାନ୍ |

୨୬) ଅଛି ଅର୍ଥରେ 'ଇନ୍' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗୁଣ | + | ଇନ୍ | = | ଗୁଣୀ | ଧନ | + | ଇନ୍ | = | ଧନୀ |
| ଜ୍ଞାନ | + | ଇନ୍ | = | ଜ୍ଞାନୀ | ହସ୍ତ | + | ଇନ୍ | = | ହସ୍ତୀ |
| ସ୍ୱାଭିମାନ | + | ଇନ୍ | = | ସ୍ୱାଭିମାନୀ | ସଂଯମ | + | ଇନ୍ | = | ସଂଯମୀ |

୨୭) ଅଛି ଅର୍ଥରେ 'ଶାଳିନ୍' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଶକ୍ତି | + | ଶାଳିନ୍ | = | ଶକ୍ତିଶାଳୀ | ଧନ | + | ଶାଳିନ୍ | = | ଧନଶାଳୀ |
| ବଳ | + | ଶାଳିନ୍ | = | ବଳଶାଳୀ | ବିଭବ | + | ଶାଳିନ୍ | = | ବିଭବଶାଳୀ |

୨୮) ଅପତ୍ୟ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଦିତି | + | ଯ | = | ଦୈତ୍ୟ | ଚଣକ | + | ଯ | = | ଚାଣକ୍ୟ |
| ଅଦିତି | + | ଯ | = | ଆଦିତ୍ୟ | ପ୍ରଜାପତି | + | ଯ | = | ପ୍ରାଜାପତ୍ୟ |

୨୯) ଭକ୍ତ ବା ଉପାସକ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗଣପତି | + | ଯ | = | ଗାଣପତ୍ୟ | ବାୟୁ | + | ଯ | = | ବାୟବ୍ୟ |

୩୦) ସମ୍ବନ୍ଧ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ବାୟୁ | + | ଯ | = | ବାୟବ୍ୟ | ତାଲୁ | + | ଯ | = | ତାଲବ୍ୟ |
| ଈଶାନ | + | ଯ | = | ଐଶାନ୍ୟ | ଦନ୍ତ | + | ଯ | = | ଦନ୍ତ୍ୟ |

୩୧) ଯୋଗ୍ୟ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ବଧ | + | ଯ | = | ବଧ୍ୟ | ଦଣ୍ଡ | + | ଯ | = | ଦଣ୍ଡ୍ୟ |

୩୨) ନିମିତ୍ତ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଅର୍ଘ | + | ଯ | = | ଅର୍ଘ୍ୟ | ପଦ | + | ଯ | = | ପାଦ୍ୟ |
| ଅତିଥି | + | ଯ | = | ଆତିଥ୍ୟ | | | | | |

୩୩) ସ୍ୱ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ସେନା | + | ଯ | = | ସୈନ୍ୟ | ମର୍ତ୍ତ | + | ଯ | = | ମର୍ତ୍ତ୍ୟ |
| ନବ | + | ଯ | = | ନବ୍ୟ | ତ୍ରିଲୋକ | + | ଯ | = | ତ୍ରୈଲୋକ୍ୟ |

୩୪) ଜାତ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗ୍ରାମ | + | ଯ | = | ଗ୍ରାମ୍ୟ | ପଶ୍ଚାତ୍ | + | ଯ | = | ପାଶ୍ଚାତ୍ୟ |
| ବନ | + | ଯ | = | ବନ୍ୟ | ବହିଃ | + | ଯ | = | ବାହ୍ୟ |
| ଅନ୍ତ | + | ଯ | = | ଅନ୍ତ୍ୟ | ପ୍ରାଚ୍ | + | ଯ | = | ପ୍ରାଚ୍ୟ |

୩୫) କର୍ମ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଚୌର | + | ଯ | = | ଚୌର୍ଯ୍ୟ | ବଣିଜ | + | ଯ | = | ବାଣିଜ୍ୟ |
| ପୁରୋହିତ | + | ଯ | = | ପୌରୋହିତ୍ୟ | ଦୂତ | + | ଯ | = | ଦୌତ୍ୟ |

୩୬) ଭାବ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଅଳସ | + | ଯ | = | ଆଳସ୍ୟ | ସୁନ୍ଦର | + | ଯ | = | ସୌନ୍ଦର୍ଯ୍ୟ |
| ମଧୁର | + | ଯ | = | ମାଧୁର୍ଯ୍ୟ | ସୁଭଗ | + | ଯ | = | ସୌଭାଗ୍ୟ |
| ଚଞ୍ଚଳ | + | ଯ | = | ଚାଞ୍ଚଲ୍ୟ | କୃପଣ | + | ଯ | = | କାର୍ପଣ୍ୟ |

**୩୭) ଗୁଣ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ସୁଜନ | + | ଯ | = | ସୌଜନ୍ୟ | | ବୀର | + | ଯ | = | ବୀର୍ଯ୍ୟ |
| ବତ୍ସଳ | + | ଯ | = | ବାତ୍ସଲ୍ୟ | | ସୁହୃଦ୍ | + | ଯ | = | ସୌହାର୍ଦ୍ୟ |

**୩୮) ଭାବ ଅର୍ଥରେ 'ତା' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ଗୁରୁ | + | ତା | = | ଗୁରୁତା | | ଉଦାସୀନ | + | ତା | = | ଉଦାସୀନତା |
| ଲଘୁ | + | ତା | = | ଲଘୁତା | | ସ୍ଥିର | + | ତା | = | ସ୍ଥିରତା |

**୩୯) ଭାବ ଅର୍ଥରେ 'ତ୍ୱ' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ଗୁରୁ | + | ତ୍ୱ | = | ଗୁରୁତ୍ୱ | | ପ୍ରଭୁ | + | ତ୍ୱ | = | ପ୍ରଭୁତ୍ୱ |
| ଲଘୁ | + | ତ୍ୱ | = | ଲଘୁତ୍ୱ | | ନର | + | ତ୍ୱ | = | ନରତ୍ୱ |
| ଦାସ | + | ତ୍ୱ | = | ଦାସତ୍ୱ | | | | | | |

**୪୦) କାଳ ଅର୍ଥରେ 'ଦା' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ଏକ | + | ଦା | = | ଏକଦା | | ସର୍ବ | + | ଦା | = | ସର୍ବଦା |

**୪୧) ପ୍ରକାର ଅର୍ଥରେ 'ଥା' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ଅନ୍ୟ | + | ଥା | = | ଅନ୍ୟଥା | | ସର୍ବ | + | ଥା | = | ସର୍ବଥା |
| ଯଦ୍ | + | ଥା | = | ଯଥା | | ତଦ୍ | + | ଥା | = | ତଥା |

**୪୨) ପ୍ରକାର ଅର୍ଥରେ 'ଧା' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ଶତ | + | ଧା | = | ଶତଧା | | ସହସ୍ର | + | ଧା | = | ସହସ୍ରଧା |
| ବହୁ | + | ଧା | = | ବହୁଧା | | ନବ | + | ଧା | = | ନବଧା |

**୪୩) ଜାତ ଅର୍ଥରେ 'ତନ' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ପୁରା | + | ତନ | = | ପୁରାତନ | | ଅଧୁନା | + | ତନ | = | ଅଧୁନାତନ |
| ଚିରଂ | + | ତନ | = | ଚିରନ୍ତନ | | ସଦା | + | ତନ | = | ସଦାତନ / ସନାତନ |

**୪୪) ସ୍ୱାର୍ଥରେ (ସେହି ଅର୍ଥରେ) 'ମୟ' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ଜଳ | + | ମୟ | = | ଜଳମୟ | | ସ୍ୱର୍ଣ୍ଣ | + | ମୟ | = | ସ୍ୱର୍ଣ୍ଣମୟ |
| ଧୂମ | + | ମୟ | = | ଧୂମମୟ | | ପାପ | + | ମୟ | = | ପାପମୟ |

**୪୫) ଦୁଇଟି ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ଅର୍ଥରେ 'ତର' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ପ୍ରିୟ | + | ତର | = | ପ୍ରିୟତର | ବୃହତ୍ | + | ତର | = | ବୃହତ୍ତର |
| କ୍ଷୁଦ୍ର | + | ତର | = | କ୍ଷୁଦ୍ରତର | ଗୁରୁ | + | ତର | = | ଗୁରୁତର |

**୪୬) ଦୁଇଟି ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ଅର୍ଥରେ 'ଈୟସ୍' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଗୁରୁ | + | ଈୟସ୍ | = | ଗରୀୟାନ୍ | ବଳ | + | ଈୟସ୍ | = | ବଳୀୟାନ୍ |
| ବୃଦ୍ଧ | + | ଈୟସ୍ | = | ବର୍ଷୀୟାନ୍ | ବହୁ | + | ଈୟସ୍ | = | ଭୂୟାନ୍ |

**୪୭) ଅନେକ ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ଅର୍ଥରେ 'ତମ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଗୁରୁ | + | ତମ | = | ଗୁରୁତମ | ବୃହତ୍ | + | ତମ | = | ବୃହତ୍ତମ |
| ଦୀର୍ଘ | + | ତମ | = | ଦୀର୍ଘତମ | ପ୍ରିୟ | + | ତମ | = | ପ୍ରିୟତମ |

**୪୮) ଅନେକ ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ଅର୍ଥରେ 'ଇଷ୍ଠ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବଳ | + | ଇଷ୍ଠ | = | ବଳିଷ୍ଠ | ପ୍ରଶସ୍ୟ | + | ଇଷ୍ଠ | = | ଶ୍ରେଷ୍ଠ |
| ବହୁ | + | ଇଷ୍ଠ | = | ଭୂୟିଷ୍ଠ | ବୃଦ୍ଧ | + | ଇଷ୍ଠ | = | ଜ୍ୟେଷ୍ଠ / ବର୍ଦ୍ଧିଷ୍ଠ |

**୪୯) ତୁଲ୍ୟ ଅର୍ଥରେ 'ସ୍ଥାନୀୟ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ପିତୃ | + | ସ୍ଥାନୀୟ | = | ପିତୃସ୍ଥାନୀୟ | ମାତୃ | + | ସ୍ଥାନୀୟ | = | ମାତୃସ୍ଥାନୀୟ |

**୫୦) ଅଛି ଅର୍ଥରେ 'ଆଳୁ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦୟା | + | ଆଳୁ | = | ଦୟାଳୁ | ଭୟ | + | ଆଳୁ | = | ଭୟାଳୁ |
| ଶ୍ରଦ୍ଧା | + | ଆଳୁ | = | ଶ୍ରଦ୍ଧାଳୁ | କୃପା | + | ଆଳୁ | = | କୃପାଳୁ |

## ୬.୩ ଓଡ଼ିଆ ତଦ୍ଧିତ ପ୍ରତ୍ୟୟ

### ବିଭିନ୍ନ ଅର୍ଥରେ 'ଆ' ପ୍ରତ୍ୟୟ

**୧) ଅଛି ଅର୍ଥରେ 'ଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଧୂଳି | + | ଆ | = | ଧୂଳିଆ | କୁହୁଡ଼ି | + | ଆ | = | କୁହୁଡ଼ିଆ |
| ଦାଢ଼ି | + | ଆ | = | ଦାଢ଼ିଆ | ପେଟ | + | ଆ | = | ପେଟା |

୨) ଦକ୍ଷତା ଅର୍ଥରେ 'ଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ମହୁରି | + | ଆ | = | ମହୁରିଆ | କାହାଳି | + | ଆ | = | କାହାଳିଆ |

୩) ସ୍ୱ ଅର୍ଥରେ 'ଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ସରୁ | + | ଆ | = | ସରୁଆ | ଟାଙ୍ଗର | + | ଆ | = | ଟାଙ୍ଗରା |
| ନାଳି | + | ଆ | = | ନାଳିଆ | ଗୋଳି | + | ଆ | = | ଗୋଳିଆ |

୪) ତୁଲ୍ୟ ଅର୍ଥରେ 'ଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପ୍ରଜାପତି | + | ଆ | = | ପ୍ରଜାପତିଆ | ଗେରୁ | + | ଆ | = | ଗେରୁଆ |
| ବରକୋଳି | + | ଆ | = | ବରକୋଳିଆ | ଗଧ | + | ଆ | = | ଗଧା |

୫) ଅନାଦର ଅର୍ଥରେ 'ଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗୋବିନ୍ଦ | + | ଆ | = | ଗୋବିନ୍ଦା | ହରି | + | ଆ | = | ହରିଆ |
| ଯଦୁ | + | ଆ | = | ଯଦୁଆ | ବାସୁ | + | ଆ | = | ବାସୁଆ |

୬) କର୍ମ ଅର୍ଥରେ 'ଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ବେଠି | + | ଆ | = | ବେଠିଆ | ମେଳି | + | ଆ | = | ମେଳିଆ |
| କୋଠି | + | ଆ | = | କୋଠିଆ | | | | | |

୭) କ୍ଷୁଦ୍ର ଅର୍ଥରେ 'ଆ' ପ୍ରତ୍ୟୟ

| | | | | |
|---|---|---|---|---|
| ଥାଳି | + | ଆ | = | ଥାଳିଆ |

## ୬.୪ ବିଭିନ୍ନ ଅର୍ଥରେ 'ଆଳ' ପ୍ରତ୍ୟୟ

୮) ଅଛି ଅର୍ଥରେ 'ଆଳ' ପ୍ରତ୍ୟୟ

| | | | | |
|---|---|---|---|---|
| ଗଣ୍ଠି | + | ଆଳ | = | ଗଣ୍ଠିଆଳ |

୯) ବୃତ୍ତି ଅର୍ଥରେ 'ଆଳ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗାଈ | + | ଆଳ | = | ଗାଈଆଳ | ମଇଁଷି | + | ଆଳ | = | ମଇଁଷିଆଳ |

## ୬.୫ ବିଭିନ୍ନ ଅର୍ଥରେ 'ଆଳି' ପ୍ରତ୍ୟୟ

**୧୦) ସମୂହ ଅର୍ଥରେ 'ଆଳି' ପ୍ରତ୍ୟୟ**

ଦୀପ + ଆଳି = ଦୀପାଳି

**୧୧) ଜାତ ଅର୍ଥରେ 'ଆଳି' ପ୍ରତ୍ୟୟ**

ଚଇତ + ଆଳି = ଚଇତାଳି

**୧୨) ଅଭ୍ୟାସ ବା ଦକ୍ଷତା ଅର୍ଥରେ 'ଆଳି' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଖେଳ | + | ଆଳି | = | ଖେଳାଳି | ଚଢ଼ା | + | ଆଳି | = | ଚଢ଼ାଳି |
| ପହଁରା | + | ଆଳି | = | ପହଁରାଳି | ଚିରା | + | ଆଳି | = | ଚିରାଳି |

**୧୩)ବୃତ୍ତି ବା ବ୍ୟବସାୟ ଅର୍ଥରେ 'ଆରି' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଶଙ୍ଖା | + | ଆରି | = | ଶଙ୍ଖାରି | କଂସା | + | ଆରି | = | କଂସାରି |

**୧୪) ଅଛି ଅର୍ଥରେ 'ଆଳିଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କଣ୍ଟା | + | ଆଳିଆ | = | କଣ୍ଟାଳିଆ | ଝଙ୍କା | + | ଆଳିଆ | = | ଝଙ୍କାଳିଆ |
| ବୁଦା | + | ଆଳିଆ | = | ବୁଦାଳିଆ | | | | | |

## ୬.୬ ବିଭିନ୍ନ ଅର୍ଥରେ ଇ ପ୍ରତ୍ୟୟ

**୧୫) କ୍ଷୁଦ୍ର ଅର୍ଥରେ 'ଇ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଘଣ୍ଟ | + | ଇ | = | ଘଣ୍ଟି | କାଠ | + | ଇ | = | କାଠି |
| ଚକ | + | ଇ | = | ଚକି | ଖଣ୍ଡ | + | ଇ | = | ଖଣ୍ଡି |

**୧୬) ବୃତ୍ତି ଅର୍ଥରେ 'ଇ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଚାକର | + | ଇ | = | ଚାକିରି | ଡାକ୍ତର | + | ଇ | = | ଡାକ୍ତରି |
| ମୁକ୍ତାର | + | ଇ | = | ମୁକ୍ତାରି | ମହାଜନ | + | ଇ | = | ମହାଜନି |

**୧୭) ସ୍ୱ ଅର୍ଥରେ 'ଇ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କାଙ୍ଗାଳ | + | ଇ | = | କାଙ୍ଗାଳି | ଗହଳ | + | ଇ | = | ଗହଳି |

**୧୮) ଜାତ ଅର୍ଥରେ 'ଇ' ପ୍ରତ୍ୟୟ**

ଚଇତ + ଇ = ଚଇତି

**୧୯) ଅଛି ଅର୍ଥରେ 'ଇ' ପ୍ରତ୍ୟୟ**

ଘଡ଼ଘଡ଼ + ଇ = ଘଡ଼ଘଡ଼ି

### ୬.୭ ବିଭିନ୍ନ ଅର୍ଥରେ 'ଇଆ' ପ୍ରତ୍ୟୟ

**୨୦) ବୃତ୍ତି ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ମୂଳ | + | ଇଆ | = | ମୂଳିଆ | ଗୁଡ଼ | + | ଇଆ | = | ଗୁଡ଼ିଆ |
| ହଳ | + | ଇଆ | = | ହଳିଆ | ଚାକର | + | ଇଆ | = | ଚାକିରିଆ |

**୨୧) ସଂଖ୍ୟା ବା ପରିମାଣ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦୁଇଟଙ୍କା | + | ଇଆ | = | ଦୁଇଟଙ୍କିଆ | ପାଞ୍ଚହାତ | + | ଇଆ | = | ପାଞ୍ଚହାତିଆ |
| ଚାରିସେର | + | ଇଆ | = | ଚାରିସେରିଆ | ଦଶକେଜି | + | ଇଆ | = | ଦଶକେଜିଆ |

**୨୨) ସାଦୃଶ୍ୟ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଚାଉଳ | + | ଇଆ | = | ଚାଉଳିଆ | ବାଇଗଣ | + | ଇଆ | = | ବାଇଗଣିଆ |
| ମଲ୍ଲିଫୁଲ | + | ଇଆ | = | ମଲ୍ଲିଫୁଲିଆ | ସୋରିଷ | + | ଇଆ | = | ସୋରିଷିଆ |

**୨୩) ଅତିଶୟ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ମୁନ | + | ଇଆ | = | ମୁନିଆ | ଲୁଣ | + | ଇଆ | = | ଲୁଣିଆ |

**୨୪) ଅଛି ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କପାଳ | + | ଇଆ | = | କପାଳିଆ | କପଟ | + | ଇଆ | = | କପଟିଆ |
| ସୁହାଗ | + | ଇଆ | = | ସୁହାଗିଆ | ଅନ୍ଧାର | + | ଇଆ | = | ଅନ୍ଧାରିଆ |

**୨୫) ଜାତ ବା ନିବାସ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କଟକ | + | ଇଆ | = | କଟକିଆ | ପାହାଡ଼ | + | ଇଆ | = | ପାହାଡ଼ିଆ |
| ସହର | + | ଇଆ | = | ସହରିଆ | ଖରାଦିନ | + | ଇଆ | = | ଖରାଦିନିଆ |

**୨୬) ସ୍ୱ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କଅଁଳ | + | ଇଆ | = | କଅଁଳିଆ | ମଧୁର | + | ଇଆ | = | ମଧୁରିଆ |
| ବହଳ | + | ଇଆ | = | ବହଳିଆ | | | | | |

### ୬.୮ ବିଭିନ୍ନ ଅର୍ଥରେ 'ଈ' ପ୍ରତ୍ୟୟ

**୨୭) ବୃତ୍ତି ଅର୍ଥରେ 'ଈ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ତନ୍ତ | + | ଈ | = | ତନ୍ତୀ | ଦୋକାନ | + | ଈ | = | ଦୋକାନୀ |

### ୨୮) ଜାତ ଅର୍ଥରେ 'ଇ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପରଦେଶ | + | ଇ | = | ପରଦେଶୀ | ଉଆଁସ | + | ଇ | = | ଉଆଁସୀ |

### ୨୯) ଅଛି ଅର୍ଥରେ 'ଇ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଅଭାବ | + | ଇ | = | ଅଭାବୀ | ଦାଗ | + | ଇ | = | ଦାଗୀ |
| ଭୋକ | + | ଇ | = | ଭୋକୀ | ଶୋଷ | + | ଇ | = | ଶୋଷୀ |

### ୩୦) ସମ୍ବନ୍ଧ ଅର୍ଥରେ 'ଇ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| କଟକ | + | ଇ | = | କଟକୀ | ବନାରସ | + | ଇ | = | ବନାରସୀ |

## ୬.୯ ବିଭିନ୍ନ ଅର୍ଥରେ ଉଆ ପ୍ରତ୍ୟୟ

### ୩୧) ଅଛି ଅର୍ଥରେ 'ଉଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ନିଶ | + | ଉଆ | = | ନିଶୁଆ | ପାଠ | + | ଉଆ | = | ପାଠୁଆ |
| ବଳ | + | ଉଆ | = | ବଳୁଆ | ଦାଢ଼ | + | ଉଆ | = | ଦାଢ଼ୁଆ |

### ୩୨) ଅଭ୍ୟାସ ଅର୍ଥରେ 'ଉଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ମିଛ | + | ଉଆ | = | ମିଛୁଆ | ଖଚ | + | ଉଆ | = | ଖଚୁଆ |
| ଗାଲ | + | ଉଆ | = | ଗାଲୁଆ | ମାଡ଼ | + | ଉଆ | = | ମାଡ଼ୁଆ |

### ୩୩) ବୃତ୍ତି ଅର୍ଥରେ 'ଉଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ନାଟ | + | ଉଆ | = | ନାଟୁଆ | ସାପ | + | ଉଆ | = | ସାପୁଆ |
| ହାଟ | + | ଉଆ | = | ହାଟୁଆ | ଭାର | + | ଉଆ | = | ଭାରୁଆ |

### ୩୪) ତୁଲ୍ୟ ଅର୍ଥରେ 'ଉଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଶାଗ | + | ଉଆ | = | ଶାଗୁଆ | ଚାନ୍ଦ | + | ଉଆ | = | ଚାନ୍ଦୁଆ |
| କାଠ | + | ଉଆ | = | କାଠୁଆ | ବାଘ | + | ଉଆ | = | ବାଘୁଆ |

### ୩୫) ଜାତ ଅର୍ଥରେ 'ଉଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ବାଣ | + | ଉଆ | = | ବାଣୁଆ | ଆଷାଢ଼ | + | ଉଆ | = | ଆଷାଢ଼ୁଆ |

### ୩୬) ବାସ ବା ସଂପର୍କ ଅର୍ଥରେ 'ଉଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗାତ | + | ଉଆ | = | ଗାତୁଆ | ଘର | + | ଉଆ | = | ଘରୁଆ |

## ୬.୧୦ ବିଭିନ୍ନ ଅର୍ଥରେ 'ଉରା' ପ୍ରତ୍ୟୟ

### ୩୭) ଅଛି ଅର୍ଥରେ 'ଉରା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଦାନ୍ତ | + | ଉରା | = | ଦାନ୍ତୁରା | ମନ୍ତ୍ର (ମନ୍ତ) | + | ଉରା | = | ମନ୍ତୁରା |

### ୩୮) ଅଭ୍ୟାସ ଅର୍ଥରେ 'ଉରା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| କାନ୍ଦ | + | ଉରା | = | କାନ୍ଦୁରା | ମୂତ | + | ଉରା | = | ମୂତୁରା |

### ୩୯) ସାଦୃଶ୍ୟ ଅର୍ଥରେ 'ଏଲି' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ରୁପା | + | ଏଲି | = | ରୁପେଲି | ସୁନା | + | ଏଲି | = | ସୁନେଲି |

### ୪୦) ସମ୍ବନ୍ଧ ଅର୍ଥରେ 'କା' / 'କାର' ପ୍ରତ୍ୟୟ

ଆଜି + କା / କାର = ଆଜିକା / ଆଜିକାର

କାଲି + କା / କାର = କାଲିକା / କାଲିକାର

### ୪୧) ସ୍ୱଭାବ ଅର୍ଥରେ 'କୁଳା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଡର | + | କୁଳା | = | ଡରକୁଳା | ହସ | + | କୁଳା | = | ହସକୁଳା |

### ୪୨) ବ୍ୟବସାୟ ଅର୍ଥରେ 'ରା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପାନ | + | ରା | = | ପାନରା | କାଚ | + | ରା | = | କାଚରା |

### ୪୩) ଅଛି ଅର୍ଥରେ 'ବନ୍ତ' / 'ମନ୍ତ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗୁଣ | + | ବନ୍ତ | = | ଗୁଣବନ୍ତ | ବୁଦ୍ଧି | + | ମନ୍ତ | = | ବୁଦ୍ଧିମନ୍ତ |
| ଧନ | + | ବନ୍ତ | = | ଧନବନ୍ତ | ଶ୍ରୀ | + | ମନ୍ତ | = | ଶ୍ରୀମନ୍ତ |

### ୪୪) ସାଦୃଶ୍ୟ ଅର୍ଥରେ 'ଚିଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପାଣି | + | ଚିଆ | = | ପାଣିଚିଆ | ମାଇ | + | ଚିଆ | = | ମାଇଚିଆ |

### ୪୫) ଭାବ ଅର୍ଥରେ 'ପଣ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଟାଣ | + | ପଣ | = | ଟାଣପଣ | ବୀର | + | ପଣ | = | ବୀରପଣ |

## ୬.୧୧ ବୈଦେଶିକ ତଦ୍ଧିତ ପ୍ରତ୍ୟୟ

**୧) ଅଧିକରଣ ଅର୍ଥରେ 'ଖାନା' ପ୍ରତ୍ୟୟ**

ଛାପା + ଖାନା = ଛାପାଖାନା    ବୈଠକ + ଖାନା = ବୈଠକଖାନା

ଡାକ୍ତର + ଖାନା = ଡାକ୍ତରଖାନା    ଭୂତ + ଖାନା = ଭୂତଖାନା

**୨) ଅଭ୍ୟାସ ଅର୍ଥରେ 'ଖୋର' ପ୍ରତ୍ୟୟ**

ନିଶା + ଖୋର = ନିଶାଖୋର    ଯୁଦ୍ଧ + ଖୋର = ଯୁଦ୍ଧଖୋର

ଜିଦ୍ + ଖୋର = ଜିଦ୍‌ଖୋର    ମକଦ୍ଦମା + ଖୋର = ମକଦ୍ଦମାଖୋର

**୩) ବ୍ୟବସାୟ ଅର୍ଥରେ 'ଗର' ପ୍ରତ୍ୟୟ**

କାରି + ଗର = କାରିଗର    ସୌଦା + ଗର = ସୌଦାଗର

**୪) ଭାବ ଅର୍ଥରେ 'ଗିରି' ପ୍ରତ୍ୟୟ**

ବାବୁ + ଗିରି = ବାବୁଗିରି    ଦାଦା + ଗିରି = ଦାଦାଗିରି

ହାକିମ + ଗିରି = ହାକିମଗିରି    କିରାଣି + ଗିରି = କିରାଣିଗିରି

**୫) ସ୍ୱଭବ ଅର୍ଥରେ 'ଆମି' ପ୍ରତ୍ୟୟ**

ଠକ + ଆମି = ଠକାମି    ମୂର୍ଖ + ଆମି = ମୂର୍ଖାମି

ଦୁଷ୍ଟ + ଆମି = ଦୁଷ୍ଟାମି    ପାଗଳ + ଆମି = ପାଗଳାମି

**୬) ସ୍ୱଭାବ ଅର୍ଥରେ 'ବାଜ' ପ୍ରତ୍ୟୟ**

ଧପା + ବାଜ = ଧପାବାଜ    ଧୋକା + ବାଜ = ଧୋକାବାଜ

ମାମଲା + ବାଜ = ମାମଲାବାଜ

**୭) ଅଧିକାର ବା ବୃତ୍ତି ଅର୍ଥରେ 'ବାଲା' ପ୍ରତ୍ୟୟ**

ଘର + ବାଲା = ଘରବାଲା    ପାଲା + ବାଲା = ପାଲାବାଲା

ଗାଡ଼ି + ବାଲା = ଗାଡ଼ିବାଲା    ବାଜା + ବାଲା = ବାଜାବାଲା

ଜମି + ବାଲା = ଜମିବାଲା

**୮) ଅଧିକାର ଅର୍ଥରେ 'ଦାର' ପ୍ରତ୍ୟୟ**

ଜମି + ଦାର = ଜମିଦାର    ଭାଗ + ଦାର = ଭାଗୀଦାର

## ଅନୁଶୀଳନୀ

୧. ତଦ୍ଧିତ ପ୍ରତ୍ୟୟ କାହାକୁ କୁହାଯାଏ – ଉଦାହରଣ ସହ ବୁଝାଇ ଦିଅ ।

୨. ନିମ୍ନଲିଖିତ ପଦଗୁଡ଼ିକରେ ବ୍ୟବହୃତ ହୋଇଥିବା ପ୍ରତ୍ୟୟଗୁଡ଼ିକୁ ଚିହ୍ନାଅ ।

କୁଳୀନ, ପାଶବ, ମାରୁତ, ବାନ୍ଧବ, ପାବନି, ଆତ୍ମୀୟ, ଚାଣକ୍ୟ, ତାଲବ୍ୟ, ଶ୍ରେଷ୍ଠ, ଘଣ୍ଟି, ମୂଳିଆ ।

୩. ନିମ୍ନଲିଖିତ ପଦଗୁଡ଼ିକରେ ବ୍ୟବହୃତ ହୋଇଥିବା ଶବ୍ଦଗୁଡ଼ିକୁ ଲେଖ ।

ଧାର୍ମିକ, କୌରବ, ପାଟବ, ଦାନ୍ତୁରୀ, ଭୌମ, ପ୍ରାଜ୍ଞ, ବୈଦ୍ୟ, ପ୍ରାଦେଶିକ, ଫେନିଳ, ଜ୍ୟେଷ୍ଠ, ବେଠିଆ, କାଠି, ଖେଳାଳି, ମଧୁରିଆ ।

୪. ଏକପଦରେ ପ୍ରକାଶ କର ।

ପୁଷ୍ୟା ନକ୍ଷତ୍ରଯୁକ୍ତ ମାସ, ଶଙ୍ଖା ବିକିବା ବ୍ୟବସାୟ ଯାହାର, ଦଶରଥଙ୍କର ପୁତ୍ର, ବନରୁ ଜାତ, ପୁରୋହିତଙ୍କର କର୍ମ, ସୁନ୍ଦରର ଭାବ, ଭୟ ଅଛି ଯାହାର, ପାହାଡ଼ରୁ ଜାତ ।

୫. ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ ।

(କ) ସମୂହ ଅର୍ଥରେ 'ଆଳି' ପ୍ରତ୍ୟୟ

(ଖ) ଅପତ୍ୟ ଅର୍ଥରେ 'ଏୟ' ପ୍ରତ୍ୟୟ

(ଗ) ଅଭ୍ୟାସ ଅର୍ଥରେ 'ଉଆ' ପ୍ରତ୍ୟୟ

(ଘ) ବ୍ୟବସାୟ ଅର୍ଥରେ 'ରା' ପ୍ରତ୍ୟୟ

(ଙ) ଅଧିକାର ଅର୍ଥରେ 'ବାଲା' ପ୍ରତ୍ୟୟ

(ଚ) ବୃତ୍ତି ଅର୍ଥରେ 'ଇ' ପ୍ରତ୍ୟୟ

(ଛ) ଯୋଗ୍ୟ ଅର୍ଥରେ 'ଯ' ପ୍ରତ୍ୟୟ

❖❖❖